**ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ**

**ଧରାକୋଟ,(ଡି.ଏନ.ଏ.):** ଧରାକୋଟ ଥାନା ଅନ୍ତର୍ଗତ ଦସମାଇଲ ନିକଟରେ ରବିବାର ପୂର୍ବାହ୍ନରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବହାରପୁର ଗ୍ରାମର ନରହରି ମହାରଣା। ନରହରି ତାଙ୍କ ପୁଅ ଦିଲୀପଙ୍କ ସହ ବାଇକ୍‌ରେ ଗ୍ରାମକୁ ଆସୁଥିବା ବେଳେ ଦସମାଇଲ ନିକଟରେ ଆସିକାରୁ ସୋରଡା ଯାଉଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନରହରିଙ୍କ ମୃତ୍ୟୁ ଘଟିଥିବା ବେଳେ ଦିଲୀପ ଆହତ ହୋଇଥିଲେ। ଧରାକୋଟ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛି।

# ରେଶମ ସହରରେ ପଖାଳ ଦିବସ

ବ୍ରହ୍ମପୁର ଅଫିସ,୨୦।୩



ବ୍ରହ୍ମପୁର ସହରରେ ରବିବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ପଖାଳ ଓଡ଼ିଆଙ୍କ ପ୍ରିୟ ଖାଦ୍ୟ। ସକାଳୁ ଉଠି ଗଣ୍ଡେ ପଖାଳ ଖାଇ ମନଖୁସିରେ ନିଜ କର୍ମକ୍ଷେତ୍ରକୁ ଯିବାକୁ ପ୍ରତ୍ୟେକ ଓଡ଼ିଆ ଭଲପାଆନ୍ତି। ବିଶ୍ୱ ସମୂହରେ ଓଡ଼ିଆଙ୍କ ଏହି ପ୍ରିୟ ଖାଦ୍ୟ ପଖାଳକୁ ଏକ ସ୍ୱତନ୍ତ୍ର ଲକ୍ଷ୍ୟନେଇ କିଛିବର୍ଷ ହେବ ବିଶ୍ୱ ପଖାଳ ଦିବସ ପାଳିତ ହୋଇ ଆସୁଛି। ବିଶ୍ୱ ପଖାଳ ଦିବସ ଅବସରରେ ଘରେ ଘରେ ଶୁଖୁଆ ପୋଡ଼ା, ମାଛ ଭଜା, ଆଳୁ ଭଜା, ଶାଗ ଭଜା, ବଡ଼ି ଚୂରା ଆଦି ଭଳିକି ଭଳି ବ୍ୟଞ୍ଜନ ପ୍ରସ୍ତୁତ କରି ପଖାଳର ମଜା ନେଇଥିଲେ। ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଛି। ଏହି ସମୟରେ ନିୟମିତ ଖାଦ୍ୟପେୟରେ ପଖାଳ ସ୍ଥାନ ପାଇଲେ ଶରୀରର ଜଳୀୟ ଅଂଶ ବୃଦ୍ଧି ପାଇବା ସହ ଶୀତଳତା ମଧ୍ୟ ମିଳିଥାଏ। ଏହା ସହ ବିଶ୍ୱ ପଖାଳ ଦିବସ ଅବସରରେ ପ୍ରତ୍ୟେକେ ପଖାଳ ଖାଇବା ସାଙ୍ଗକୁ ନିଜ ବନ୍ଧୁ ପରିଜନ ଓ ସାଙ୍ଗ ସାଥୀଙ୍କୁ ମଧ୍ୟ ପଖାଳ ଦିବସ କଥା ମନେପକାଇବା ନିମନ୍ତେ ସାମାଜିକ ଗଣମାଧ୍ୟମର ସହାୟତା ନେଇଥିଲେ। ରେଶମ ସହରର ବିଭିନ୍ନ ଜଣାଶୁଣା ହୋଟେଲ ରେଷ୍ଟୁରାଣ୍ଟରେ ମଧ୍ୟ ପଖାଳ ଭୋଜନ ନିମନ୍ତେ ଗ୍ରାହକଙ୍କ ଭିଡ଼ ଜମିଥିଲା। ସମୟ ବଦଳିବା ସହ ବର୍ତ୍ତମାନ ଆଧୁନିକତାର ଛାପରେ ହୋଟେଲ, ରେଷ୍ଟୁରାଣ୍ଟରେ ମିଳୁଥିବା କଣ୍ଟିନେଣ୍ଟାଲ, ଚାଇନିଜ, ଥାଇ ସମେତ ବିଭିନ୍ନ ନୂତନ ଶୈଳୀର ଖାଦ୍ୟ ବଜାରରେ ପ୍ରବେଶ କରିଥିଲେ ମଧ୍ୟ ପଖାଳର ଚାହିଦା ଆଜି ସୁଦ୍ଧା ରହିଛି।

# ଗିରଫ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ

## ସିକ୍ୟୁରିଟି କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣର ପ୍ରତିବାଦ

ବ୍ରହ୍ମପୁର ଅଫିସ,୨୦।୩

ବ୍ରହ୍ମପୁର ବଡ ମେଡିକାଲ କଲେଜର ସିକ୍ୟୁରିଟି କର୍ମଚାରୀ ନାରାୟଣ ପଣ୍ଡାଙ୍କୁ ଅପରେଶନ ବ୍ଲେଡରେ ଗଳାକାଟି ରବିବାର ହତ୍ୟା ଉଦ୍ୟମ ହୋଇଥିଲା। ଏହାର ପ୍ରତିବାଦରେ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ମେଡିକାଲରେ କାର୍ଯ୍ୟରତ ସମସ୍ତ ସିକ୍ୟୁରିଟି ଓ ଅନ୍ୟ କର୍ମଚାରୀମାନେ ଶନିବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବା ସହିତ ସୁପରିଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ମେଡିକାଲ ତଥା ରୋଗୀଙ୍କ ସୁରକ୍ଷାରେ ନିୟୋଜିତ କର୍ମୀମାନଙ୍କୁ ଏଭଳି ଆକ୍ରମଣକୁ ସଂଘ ତରଫରୁ ଦୃଢ଼ ନିନ୍ଦା କରିବା ସହ ଅପରାଧିଙ୍କୁ ଗିରଫ ସହ ୮ଦଫା ଦାବି କରାଯାଇଥିଲା। ପରେ ଆନ୍ଦୋଳନ ସ୍ଥଳକୁ ମେଡିକାଲ ପ୍ରଶାସନିକ ଅଧିକାରୀ ସୁଦାମ ଚରଣ ମଣ୍ଡଳ ଆସି ବୁଝାଶୁଝା କରିଥିଲେ। ତାଙ୍କୁ ତୁରନ୍ତ ଗିରଫ ଦାବିରେ କର୍ମଚାରୀମାନେ ଅଡ଼ି ବସିଥିଲେ। ପରବର୍ତ୍ତୀ ସମୟରେ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର, ମେଡିକାଲ କଲେଜ ପ୍ରିନ୍ସପାଲ ଡା. ଅବନୀକାନ୍ତ ମିଶ୍ର, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ବୈଦ୍ୟନାଥପୁର ଥାନା ଅଧିକାରୀ ପ୍ରମୁଖ ପହଞ୍ଚି ସଂଘ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଶେଷରେ ପୋଲିସ ଅଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଅପରାଧିକୁ ଗିରଫ କରା ନ ଗଲେ ପୁଣି କାର୍ଯ୍ୟବନ୍ଦ କରାଯିବ ବୋଲି ସଂଘ କହିଛି। କାର୍ଯ୍ୟକ୍ରମରେ ଆଉଟସୋର୍ସିଂ ରାଜ୍ୟ କର୍ମଚାରୀ ସଂଘ ଆବାହକ ପ୍ରତାପ ପ୍ରଧାନ, ବାବୁଲା ସେଠୀ, ନରେନ୍ଦ୍ର ଜେନା, ସୁନୀଲ ପାତ୍ର ପ୍ରମୁଖଙ୍କ ସମେତ ନର୍ସିଂ ଅଫିସର ସଂଘ ଓ ମେଡିକାଲ କର୍ମଚାରୀ ସଂଘ ସାମିଲ ହୋଇଥିଲେ।

# ଜିଲା ପ୍ରଶାସନର ଭୋଟରଙ୍କ ନିମନ୍ତେ ସାଫା ଆପ

ବ୍ରହ୍ମପୁର ଅଫିସ,୨୦।୩

ଆସନ୍ତା ୨୪ରେ ପୌର ନିର୍ବାଚନ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଚୂଡାନ୍ତ ବୁଥ ତାଲିକା ଓ ପିଙ୍କ ବୁଥ ତାଲିକା ପ୍ରକାଶ ପାଇଛି। ବ୍ରହ୍ମପୁରରେ ସହରରେ ୨୫୦ବୁଥ ହୋଇଥିବା ବେଳେ ୯୬ ବୁଥ ସମ୍ବେଦନଶୀଳ ଓ ୫୯ଟି ଅତି ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇଛି। ତେବେ ୫ଟିକୁ ପିଙ୍କ ବୁଥ ଭାବେ ପ୍ରସ୍ତୁତ କରାଯାଇଛି। ଭୋଟର ଯେଭଳି ସହଜରେ ମତଦାନ କେନ୍ଦ୍ରରେ ପହଞ୍ଚିବେ ସେ ନେଇ ଜିଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲା ପ୍ରଶାସନ ଓ ବିଏମସି ପକ୍ଷରୁ ସାଫା ନାମକ ଏକ ଆପକୁ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ମାଧ୍ୟମରେ ମତଦାତାମାନେ ସେମାନଙ୍କ ବୁଥ ସମ୍ବନ୍ଧୀୟ ତଥ୍ୟ ଜାଣିବାରେ ସହାୟକ ହେବେ। ଏହି ଆପ୍‌ରେ ଭୋଟର ନିଜ ପରିଚୟ ପତ୍ର ନମ୍ବର କିମ୍ବା ଇପିଆଇସି ନମ୍ବର ଜରିଆରେ ନିଜର ବୁଥ ସମ୍ବନ୍ଧୀୟ ତଥ୍ୟ ସହଜରେ ଜାଣିପାରିବେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଏବଂ ବିଜେଡି କର୍ମୀ ଓ ନେତା ।

# ଶିଳ୍ପାଞ୍ଚଳରେ ବିଜେଡି ଅଫିସ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୨୦।୩

ବ୍ରହ୍ମପୁର ଶିଳ୍ପାଞ୍ଚଳ ୩୯ନଂ. ୱାର୍ଡରେ ବିଜେଡି କର୍ପୋରେଟର ପ୍ରାର୍ଥିନୀ ଜ୍ୟୋତ୍ସ୍ନା ପାଢ଼ୀଙ୍କ ନିର୍ବାଚନ କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଏମ୍‌ସି ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ବରିଷ୍ଠ ନେତା ଉମାଚରଣ ନାୟକ, ଯୁବ ବିଜେଡି ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ଆର.କେ. ନାୟକଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଗୋପବନ୍ଧୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ ମହିଳା ସଶକ୍ତିକରଣ ନିମନ୍ତେ ପଦକ୍ଷେପ କଥା ବଖାଣିଥିଲେ। ବିଜେଡି ପ୍ରାର୍ଥିନୀ ଜ୍ୟୋତ୍ସ୍ନାଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ସେ ନିବେଦନ କରିଥିଲେ। ବିଜେଡି ପ୍ରାର୍ଥିନୀ ବିଏମ୍‌ସିକୁ ନିର୍ବାଚିତ ହେଲେ ଶିଳ୍ପାଞ୍ଚଳରେ ଚାଲିଥିବା ଉନ୍ନତି ଅଧିକ ବିସ୍ତାରିତ ହେବାର ଦର୍ଶାଇଥିଲେ। ଏହି ଅବସରରେ ପଞ୍ଚଶୀଳ ମାର୍ଗ, ସୁବାସ ନଗର, ଲକ୍ଷ୍ମୀନାରାୟଣ ନଗର ସମେତ ସମଗ୍ର ଶିଳ୍ପାଞ୍ଚଳରେ ବଡ଼ ଧରଣର ରୋଡଶୋ ହୋଇଥିଲା। ଏଥିରେ ପୂର୍ବତନ ମେୟର କେ. ମାଧବୀ, ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧକୁ ନେଇ ଗଠିତ ମହିଳା ବିଜେଡି ଜୋନ ସଭାନେତ୍ରୀ ମମତା ବିଶୋୟୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। ଯୋଡ଼ି ଶଙ୍ଖ ନାଦ ମଧ୍ୟରେ ହୋଇଥିବା ଏହି ପ୍ରଚାରରେ ଶିଳ୍ପାଞ୍ଚଳ କମ୍ପିଥିଲା।












# ସ୍କୁଟି ଡିକିରୁ ୧୫ ଲକ୍ଷ ଜବତ

- ୪୦ କେଜି ଗଞ୍ଜେଇ ଜବତ, ୨ କୋର୍ଟଚାଲାଣ
- ମାଷ୍ଟରମାଇଣ୍ଡ ଫେରାର

ବ୍ରହ୍ମପୁର ଅଫିସ,୨୦।୩

ବ୍ରହ୍ମପୁର ବଡବଜାର ଥାନା ପୋଲିସ ଗଞ୍ଜେଇ ଚାଲାଣ ମାମଲାରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ଆର.ଉଦୟଗିରି ଥାନା ଅନ୍ତର୍ଗତ ସିନ୍ଦୁରଡ଼ାଙ୍ଗ ଗ୍ରାମର ସୁଦୀପ ପାଇକ ଓ ମୋହନା ଥାନା ଅନ୍ତର୍ଗତ କେସରିଆଗୁଡାର କୈଳାସ ବୀର। ମାମଲା ନଂ. ୫୫/୨୨ରେ ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାର ମାଷ୍ଟରମାଇଣ୍ଡ ମନୋଜ ପଣ୍ଡା ସ୍କୁଟି ଛାଡ଼ି ଫେରାର ହୋଇଯାଇଛନ୍ତି। ମନୋଜ ଉଭୟ ଗୁଜରାଟ ଓ ଅହମଦାବାଦ ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଥିଲେ। ଅନ୍ୟପଟେ ମନୋଜଙ୍କ ସ୍କୁଟି ଡିକିରେ ଥିବା ୧୫ ଲକ୍ଷ ଟଙ୍କା ଜବତ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବଡବଜାର ଥାନା ପୋଲିସ ଶ୍ରୀରାମନଗର ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ କରୁଥିଲା। ପୋଲିସକୁ ଦେଖି ଦୁଇ ଯୁବକ ଗାଡି ବୁଲାଇ ଖସି ପଳାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ପୋଲିସ ସମ୍ପୃକ୍ତ ଦୁଇ ଯୁବକଙ୍କୁ କାବୁ କରି ଗଞ୍ଜେଇ ଜବତ କରିଥିଲା। ସେମାନଙ୍କ ବୟାନକୁ ଆଧାର କରି ମାଷ୍ଟରମାଇଣ୍ଡ ମନୋଜଙ୍କ ମୋବାଇଲ ଟ୍ରାକିଂ କରିଥିଲା। ସେ ଏମକେସିଜି ମେଡିକାଲ ଖେଳପଡ଼ିଆ ରାସ୍ତାରେ ଥିବା ଜଣାପଡ଼ିଥିଲା। ପୋଲିସକୁ ନିକଟରୁ ଦେଖି ମନୋଜ ଗାଡ଼ି ଛାଡ଼ି ଚମ୍ପଟ ମାରିଥିବା ପୋଲିସ କହିଛି।






# ଭଙ୍ଗାରୁଜା ଅଭିଯୋଗରେ ୭ ଗିରଫ

## ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣା

**ଆସିକା,୨୦।୩(ଡି.ଏନ.ଏ.):** ଆସିକା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମରେ ଗତ ୧୨ ତାରିଖରେ ହୋଇଥିବା ନିର୍ବାଚନ ପରବର୍ତ୍ତୀ ହିଂସାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଆହତ ହୋଇଥିଲେ। ଏହି ମାମଲାରେ ପୋଲିସ ପୂର୍ବରୁ ୨ଟି ଦଫାରେ ଗୋଟିଏ ଗୋଷ୍ଠୀର ୧୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ପ୍ରତିପକ୍ଷ ଗୋଷ୍ଠୀର ଅଭିଯୋଗମତେ ଅପର ଗୋଷ୍ଠୀର ୭ ଜଣଙ୍କୁ ଗିରଫ କରାଯାଇଛି। ଚାଟୁଳା, କେନ୍ଦୁପଦର ଓ ସିଙ୍ଗିପୁର ଗ୍ରାମର ଏହି ଅଭିଯୁକ୍ତମାନଙ୍କ ନାଁରେ ଭଙ୍ଗାରୁଜା ଓ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସମ୍ପୃକ୍ତ ଥିବା ଥାନା ଅଧିକାରୀ ଦେବ କୁମାର ଗମାଙ୍ଗ ସୂଚନା ଦେଇଛନ୍ତି।









# ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ

ପୁରୁଷୋତ୍ତମପୁର,୨୦।୩ (ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଆଛୁଲି ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ସୁଧାକର ଗୌଡ ଦାୟିତ୍ୱ ନେବାର ୪ ଦିନରେ ଗୋଠିଆଳି ପାନୀୟ ଜଳ ସମସ୍ୟା ଦୂର କରିବା ଲାଗି ୮୮ଲକ୍ଷ ଟଙ୍କା ବ୍ୟୟରେ ୫୦ହଜାର ଲିଟର କ୍ଷମତା ସମ୍ପନ୍ନ ଓଭରହେଡ ପାଣି ଟାଙ୍କି ନିର୍ମାଣ ସହ ଗ୍ରାମରେ ସମସ୍ତଙ୍କ ଘରକୁ ଜଳଯୋଗାଣ ନିମନ୍ତେ ପାଇପ ବିଛାଇବା କାର୍ଯ୍ୟର ରବିବାର ଶିଳାନ୍ୟାସ କରିଛନ୍ତି।

# ୩ ବଖରା ଜଳିଗଲା

ଭଞ୍ଜନଗର,୨୦।୩ (ଡି.ଏନ.ଏ.)

ଭଞ୍ଜନଗର ତହସିଲ ଅନ୍ତର୍ଗତ ଭାଲିଆ ଖାଇରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ବାପୁନି ବିଷୋୟୀଙ୍କ ୩ ବଖରା ଜଳିଯାଇଛି। ଏଥିସହ ଘରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଭଞ୍ଜନଗର ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସରପଞ୍ଚ ଇଂ. କାହ୍ନୁ ପ୍ରଧାନ କ୍ଷତିଗ୍ରସ୍ତ ପରିବାରକୁ ଭେଟି ଥଇଥାନ ବ୍ୟବସ୍ଥା କରିଛନ୍ତି।




## ସଂକ୍ଷେପରେ

### ଗୋଲିଆ ପିଇଓଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ବୁଗୁଡ଼ା,୨୦।୩(ଡି.ଏନ.ଏ.): ଫେବୃୟାରୀ ୨୬ ରାତିରେ ୪୧ ନମ୍ବର ଜୋନ୍‌ର ଭୋଟ ଗଣତି ସାରି ଫେରୁଥିବା ବେଳେ ବୁଗୁଡ଼ା ବ୍ଲକ ଛକରେ ଗୋଲିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ଚନ୍ଦ୍ର ସେଠୀଙ୍କୁ ହୋଇଥିବା ଆକ୍ରମଣ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ବୁଗୁଡା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ୪୨ ନମ୍ବର ଜୋନ୍‌ର ଭାଜପା ଜିଲା ପରିଷଦ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ଭୂୟାଁ ଏବଂ ଗୌଡିଆବୋରଦା ପଞ୍ଚାୟତର ଭାଜପା ସମର୍ଥିତ ବିଜୟୀ ସରପଞ୍ଚ ପ୍ରାର୍ଥିନୀଙ୍କ ପୁଅ ପ୍ରକାଶ ମହାରଥା। ଏନେଇ ବୁଗୁଡ଼ା ଥାନାରେ ନଂ. ୧୧୯/୨୨ରେ ଏକ ମାମଲା ରୁଜୁ ହେଇଥିଲା। ଘଟଣା ପରଠାରୁ ଅଭିଯୁକ୍ତ ଦ୍ୱୟ ଫେରାର ଥିଲାବେଳେ ପୋଲିସ ପ୍ରକାଶଙ୍କୁ ଚେନ୍ନାଇରୁ ଏବଂ ପୂର୍ଣ୍ଣଙ୍କୁ ଫୁଲବାଣୀରୁ ଧରିଛି।

### ତରକାରି ଖାଇ ଦମ୍ପତି ଅସୁସ୍ଥ

ଆର.ଉଦୟଗିରି,୨୦।୩ (ଡି.ଏନ.ଏ.): ମୋହନା ବ୍ଲକ ମଳାସପଦର ପଞ୍ଚାୟତ ଅନ୍ତର୍ଗତ ହାଲାପଙ୍କା ଗ୍ରାମର ଏକ ଦମ୍ପତି ଗୁରୁବାର ସନ୍ଧ୍ୟାରେ ଫୁଲକୋବି ତରକାରି ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନେ ହେଲେ ଯବିତ୍ର ଗମାଙ୍ଗ ଓ ତାଙ୍କ ସ୍ତ୍ରୀନମିତା। ଦମ୍ପତି ନିଜ ବାଡ଼ିରେ ଚାଷ କରିଥିବା ଫୁଲକୋବିରେ ୩ଦିନ ପୂର୍ବରୁ କୀଟନାଶକ ସିଞ୍ଚନ କରିଥିଲେ। ଗୁରୁବାର ସନ୍ଧ୍ୟାରେ କୋବି ଆଣି ରୋଷେଇ କରି ଖାଇବା ପରେ ଦୁହେଁ ଅସୁସ୍ଥ ହୋଇପଡ଼ିଥିଲେ। ଗ୍ରାମବାସୀ ସେମାନଙ୍କୁ ମୋହନା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଉଭୟେ ସୁସ୍ଥ ହୋଇଛନ୍ତି।

### ଶବର ସମାଜ କଲ୍ୟାଣ ସମିତି ପ୍ରତିଷ୍ଠାତାଙ୍କ ଜୟନ୍ତୀ

ନୂଆଗଡ,୨୦।୩:ଗଜପତି ଜିଲା ନୂଆଗଡ଼ ବ୍ଲକ ଏନ. ଝାଲରସିଂ ଗ୍ରାମରେ ଶବର ସମାଜ କଲ୍ୟାଣ ସମିତି ପ୍ରତିଷ୍ଠାତା ପ୍ରଧାନୀ ଗମାଙ୍ଗଙ୍କ ୭୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଶବର ସମାଜର ମାର୍ଗ ଦର୍ଶକ ରେଙ୍ଗା ମଣ୍ଡଳ ମୁଖ୍ୟ ଅତିଥି, ଉପଦେଷ୍ଟା କୈଳାସ ରଇତ, ଗଜପତି ଜିଲା କାର୍ଯ୍ୟକାରୀ ସଭାପତି ତ୍ରିନାଥ ଶବର, ପୂର୍ବତନ ଉପଦେଷ୍ଟା ଉଦୟ ନାଥ ମଣ୍ଡଳ, ଜିଲା ସଭାପତି ତଥା ରାମଗିରି ଜିଲାପରିଷଦ ସଭ୍ୟ ଦଣ୍ଡପାଣି ବଡ଼ମୁଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରାଧନୀ ଗମାଙ୍ଗଙ୍କ ସ୍ମୃତି ଚାରଣ କରିଥିଲେ। ସେ ୧୨ ଖଣ୍ଡ ଗ୍ରାମ ଲୋକଙ୍କୁ ନେଇ ଏନ୍ ଝାଲରସିଂଠାରେ ୧୯୭୬ରେ ଶବର ସମାଜ କଲ୍ୟାଣ ସମିତି ଗଠନ କରିଥିଲେ। କାର୍ଯ୍ୟକ୍ରମରେ ସମିତିର ଗଜପତି ସମେତ ରାୟଗଡା ଏବଂ ଗଞ୍ଜାମ ଜିଲାର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

### ଏନ୍‌ଏସି ଅଧକ୍ଷା ପ୍ରାର୍ଥିନୀଙ୍କ ପାଇଁ ଏମ୍‌ପିଙ୍କ ପ୍ରଚାର

କାଶୀନଗର,୨୦।୩: କାଶୀନଗର ଏନ୍‌ଏସି ନିର୍ବାଚନ ପରିପ୍ରେକ୍ଷୀରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ୧୩ଟି ୱାର୍ଡ ପରିକ୍ରମା କରି ଅଧକ୍ଷା ପ୍ରାର୍ଥିନୀ ତଥା ପୂର୍ବତନ ଏନ୍‌ଏସି ଅଧକ୍ଷା ଏମ.ସୁଧାରାଣୀ ଓ କାଉନସିଲର ପ୍ରାର୍ଥୀମାନଙ୍କ ନିମନ୍ତେ ପ୍ରଚାର କରିଥିଲେ। ବିଜେଡି ପ୍ରାର୍ଥୀମାନଙ୍କୁ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଠାରେ ସାଧାରଣ ସଭା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟର ସୁଯୋଗ ନେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ନଗର ସଭାପତି ରଘୁରାମ ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଧକ୍ଷା ପ୍ରାର୍ଥିନୀଙ୍କ ସମେତ ଗଜପତି ଜିଲା ପରିଷଦ ସଭାପତି ଜି. ତିରୁପତି ରାଓ, ଜିଲା ପରିଷଦ ସଦସ୍ୟା ରାଜଲକ୍ଷ୍ମୀ, ବ୍ଲକ ଅଧକ୍ଷା ଡି.ସାୟା ଆମ୍ମା, ରାଜ୍ୟ ସମ୍ପାଦକ ମାରୁତ ପାଳ, ରକମ ସତୀଶ, ଯୁବନେତା ରାଜେଶ ମିଶାଲ, ଚଲପତି ରାଓ ବହୁ ନେତା ଉପସ୍ଥିତ ଥିଲେ।

### କୈବର୍ତ୍ତ ସମାଜର ସାଧାରଣ ଅଧିବେଶନ

ଶେରଗଡ଼,୨୦।୩(ଡି.ଏନ୍.ଏ.): କୈବର୍ତ୍ତ ସମାଜର ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପାଣ୍ଡବ ବେହେରା ଅଧକ୍ଷତା କରିଥିଲେ। ସମାଜର ଗରିବ ଶ୍ରେଣୀର ପରିବାରଙ୍କ ଥଇଥାନ, ସମସ୍ତ ପରିବାର ଯେପରି ସମାଜର ସବୁ ସୁଖଦୁଃଖରେ ସାମିଲ ହେବେ, କରୋନାରେ ଆତ୍ମୀୟଙ୍କୁ ହରାଇଥିବା ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଆଲୋଚନା ହୋଇଥିଲା। ବୈଠକରେ ଗତ ବର୍ଷର ଆୟବ୍ୟୟ ହିସାବ କରାଯାଇ ଆଗାମୀ ବର୍ଷ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି।

# ପାରଳାଖେମୁଣ୍ଡିରେ ଇ-ଫାଇଲିଂ ଷ୍ଟେଶନ

## ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ପାରଳାଖେମୁଣ୍ଡି,୨୦।୩(ଡି.ଏନ.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲା କୋର୍ଟ ପରିସରରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ.ମୂରଲୀଧରଙ୍କ ଦ୍ୱାରା ଇ-ଫାଇଲିଂ ଷ୍ଟେଶନ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହାଇକୋର୍ଟ ବିଚାରପତି ବି.ଆର୍. ଷଡଙ୍ଗୀ ଯୋଗ ଦେଇଥିବା ବେଳେ ଭର୍ଚୁଆଲ ମାଧ୍ୟମରେ ହାଇକୋର୍ଟର ଅନ୍ୟ ବିଚାରପତିମାନେ ଯୋଡି ହୋଇଥିଲେ। ଜିଲା ଦୈରାଜଜ ସତ୍ୟପୀର ମିଶ୍ର, ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର (ନିରୀକ୍ଷଣ ତଥା ମାଷ୍ଟର ଟ୍ରେନର) ପ୍ରଭାକର



ହାଇକୋର୍ଟ ମୁଖ୍ୟ ବିଚାରପତି ଏସ.ମୂରଲୀଧରଙ୍କ ସହ ଅନ୍ୟମାନେ।

ଗଣ୍ଡିଆ, ଗଜପତି ଜିଲା ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ତଥା ମାଷ୍ଟର ଟ୍ରେନର ଚିନ୍ମୟ ମିଶ୍ର, ପାରଳାଖେମୁଣ୍ଡି ବାର ଆସୋସିଏଶନର ସଭାପତି ରାମନାଥ ମିଶ୍ର, ସମ୍ପାଦକ ଏମ.ପୃଥିବୀରାଜ ପ୍ରମୁଖ ଉପସ୍ଥିତ ଥିଲେ । ଇ-ଫାଇଲିଂ ବ୍ୟବସ୍ଥା ଦ୍ୱାରା ଜଣେ ନ୍ୟାୟାଳୟକୁ ନ ଆସି ଯେକୌଣସି ସ୍ଥାନରୁ ଯେ କୌଣସି ସମୟରେ ମାମଲା ଦାଖଲ କରିବା, ଇ-ଫାଇଲିଂ ମାଧ୍ୟମରେ ଦାଖଲ କରାଯାଇଥିବା ସମସ୍ତ ସୂଚନା ଆଙ୍ଗୁଠି ଟିପରେ ଉପଲବ୍ଧ ହେବ। ଅପଲୋଡ ହୋଇଥିବା ଆଦେଶ ତଥା ବିଚାରଗୁଡିକ ସ୍ୱୟଂଚାଳିତ ଭାବରେ ଆଇନଜୀବୀମାନଙ୍କୁ ସୂଚିତ କରାଯିବ। ଡାଟା ଏଣ୍ଟ୍ରି ତ୍ରୁଟିକୁ କମାଇବା ପାଇଁ ପ୍ରାବଧାନ ଦିଆଯାଇଥିବା ବେଳେ ତଥ୍ୟଗୁଡିକ ସ୍ୱଚ୍ଛ ଏବଂ ଦ୍ରୁତ ଭାବେ କିପରି ପହଞ୍ଚିପାରିବ ସେନେଇ ମୁଖ୍ୟ ବିଚାରପତି ବିସ୍ତୃତ ଭାବେ କହିଥିଲେ । ଏ ସମ୍ବନ୍ଧୀୟ ସହାୟତା ପାଇଁ ଇ-ଫାଇଲିଂ ଷ୍ଟେସନ ସହିତ ଯୋଗାଯୋଗ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

# ଭାଜପାର ନିର୍ବାଚନୀ ଇସ୍ତାହାର ଉନ୍ମୋଚିତ


ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରାଯାଉଛି।

ଛତ୍ରପୁର,୨୦।୩(ଡି.ଏନ.ଏ.)

ପୌର ନିର୍ବାଚନ ପରିପ୍ରେକ୍ଷୀରେ ଛତ୍ରପୁର ଭାଜପା ପକ୍ଷରୁ ରବିବାର ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରାଯାଇଛି। ୧୯୫୫ରେ ଗଠିତ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ତୁରନ୍ତ ମ୍ୟୁନିସିପାଲିଟି ଘୋଷଣା ପାଇଁ ଉଦ୍ୟମ କରାଯିବ ବୋଲି ଇସ୍ତାହାରରେ ଭାଜପା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ଏଥିସହ ବାସଗୃହ ଟିକସକୁ ସମ୍ପୂର୍ଣ୍ଣ ଛାଡ କରିବା, ଡ୍ରେନ ସଫା ରଖିବା, ସବୁ ୱାର୍ଡରେ କଂକ୍ରିଟ ରାସ୍ତା ନିର୍ମାଣ, ରିକାପଲ୍ଲୀ ଲେବଲ କ୍ରସିଂରେ ଓଭରବ୍ରିଜ୍, ପୁରୁଣା ବସଷ୍ଟାଣ୍ଡକୁ ସମସ୍ତ ବସ ରହଣି, ସମସ୍ତ ୱାର୍ଡରେ ଆଲୋକୀକରଣ, ରେଳଷ୍ଟେଶନକୁ ଆଧୁନିକୀକରଣ ଓ ସମସ୍ତ ଦ୍ରୁତଗାମୀ ଟ୍ରେନ୍ ରହଣି ପାଇଁ ଉଦ୍ୟମ, ପିଲିବନ୍ଧ ଭ୍ରମଣ ପାଇଁ ଟିକଟ ଛାଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତ ଗରୀବ ପରିବାରକୁ ସାମିଲ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଭାଜପାର ଏନଏସି ଅଧକ୍ଷା ପ୍ରାର୍ଥୀ ସର୍ମିଷ୍ଠା ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କର, ପ୍ରଦୀପ ପାଢୀ, ନଗର ସଭାପତି ସଙ୍ଗୀତ ରାଉଳ, ପଦ୍ମ ଚରଣ ସାହ, ଚନ୍ଦ୍ରଶେଖର ରେଡ୍ଡୀ, ରଘୁ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାଜପା ଅଧକ୍ଷା ପ୍ରାର୍ଥିନୀ ମାମିଡ଼ିଙ୍କ ଜୋରଦାର ପ୍ରଚାର

ପାରଳାଖେମୁଣ୍ଡି,୨୦।୩(ଡି.ଏନ.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନ ବେଳେ ବିଧାୟକ କେ.ନାରାୟଣ ରାଓ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ସେଠାରୁ ଜିଲାରେ ଭାଜପା ସ୍ଥିତି ରହିଛି। ୨୦୧୯ ନିର୍ବାଚନରେ କେ. ନାରାୟଣ ରାଓ ବିପୁଳ ଭୋଟ ପାଇ ବିଜୟୀ ହେବାପରେ ଜିଲାରେ ରାଜନୈତିକ ସମୀକରଣ ପରିବର୍ତ୍ତନ ହୋଇଛି । ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସଫଳ ହୋଇପାରି ନ ଥିଲେ ମଧ୍ୟ ପୌର ନିର୍ବାଚନରେ ଭାଜପା ଭଲ ପ୍ରଦର୍ଶନ କରିବ ବୋଲି ଆଶା ରଖିଛି । ପାରଳାଖେମୁଣ୍ଡି ପୌର ପରିଷଦ ନିର୍ବାଚନରେ ଚଳିତଥର ଭାଜପା ପକ୍ଷରୁ ବିଭିନ୍ନ ୱାର୍ଡରେ ପ୍ରାର୍ଥୀ ଦିଆଯାଇଛି। ମୁଖ୍ୟତଃ ଅଧକ୍ଷା

## ପାରଳାଖେମୁଣ୍ଡି ପୌର ପରିଷଦ



ପଦବୀ ପାଇଁ ଠିକ୍ ପ୍ରାର୍ଥୀ ଚୟନ କରାଯାଇଥିବା ଆଲୋଚନା ହେଉଛି। ଅଧକ୍ଷା ପ୍ରାର୍ଥିନୀ ମାମିଡି ରାଜେଶ୍ୱରୀ ବିଭିନ୍ନ ୱାର୍ଡ ବୁଲି ପ୍ରଚାର ଚଳାଇଛନ୍ତି। ପାରଳାଖେମୁଣ୍ଡିରେ ଭାଜପା କ୍ଷମତାକୁ ଆସିଲେ ଏକ ସୁନ୍ଦର, ସ୍ୱଚ୍ଛ ଓ ଲୋକାଭିମୁଖୀ ପୌରାଞ୍ଚଳ ଗଠନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଉଛନ୍ତି। ଲୋକଙ୍କୁ ସେବା ଯୋଗାଇବା, ବସ୍ତିବାସିନ୍ଦାଙ୍କ ସମସ୍ୟା ଦୂର କରିବା, ସରକାରୀ ଯୋଜନା ବାଟମାରଣାରେ ରୋକ ଲଗାଇବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ। ସହରର ବିକାଶ ପାଇଁ ସ୍ୱତନ୍ତ୍ର ମାଷ୍ଟରପ୍ଲାନ କରାଯିବ ବୋଲି ମାମିଡି କହିଛନ୍ତି। ଯେଉଁମାନେ ବାସହରା, ରାଶନ କାର୍ଡ ପାଇନାହାନ୍ତି, ବିଭିନ୍ନ ଯୋଜନାରୁ ଦୂରେଇ ରହିଛନ୍ତି ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ତାଙ୍କର ମୂଳ ଲକ୍ଷ୍ୟ । ନିଜେ ଜଣେ ଶିକ୍ଷିତ ଓ ସମ୍ଭ୍ରାନ୍ତ ପରିବାରର ହୋଇଥିବାରୁ କୌଣସି କ୍ଷେତ୍ରରେ ତାଙ୍କର ଆସକ୍ତି ନ ଥିବା ମାମିଡ଼ି କହିଛନ୍ତି । ଭାଜପା ଅଧକ୍ଷା ପଦବୀ ହାତେଇଲେ ଗରିବ ଲୋକଙ୍କ ଅନେକ ସମସ୍ୟା ସମାଧାନ ହୋପାରିବ ବୋଲି ସହରରେ ଚର୍ଚ୍ଚା ହେଉଛି।

# ନିର୍ବାଚନ ଗୀତରେ କମ୍ପୁଛି ପୁରୁଷୋତ୍ତମପୁର

ପୁରୁଷୋତ୍ତମପୁର,୨୦।୩(ଡି.ଏନ.ଏ.)

ପୁରୁଷୋତ୍ତମପୁର ଏନ୍‌ଏସିରେ ନିର୍ବାଚନ ଲାଗି ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ପ୍ରାର୍ଥୀମାନେ ଭୋଟରଙ୍କୁ ମନାଇବା ଲାଗି ଗୁଆଘିଅ, ଶଗଡ ଗାଡି, ରଙ୍ଗବତୀ ଭଳି ଗୀତକୁ ଆପଣେଇ ପ୍ରଚାର ଚଳାଇଛନ୍ତି। ଏହି ଗୀତରେ ସମ୍ପୂର୍ଣ୍ଣ ସହର କମ୍ପି ଉଠୁଥିବା ବେଳେ ପ୍ରାର୍ଥୀମାନେ ନିଜ ନିଜର ସମର୍ଥକଙ୍କୁ ନେଇ ଘରକୁ ଘର ବୁଲି ବିକାଶ କରିବାର ବାର୍ତ୍ତା ଦେଇ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି। ଏଠାରେ ଅଧକ୍ଷା ପ୍ରାର୍ଥୀ ଲାଗି ୪ଜଣ ବିଜେଡିରୁ ରଶ୍ମିରେଖା ତ୍ରିପାଠୀ, ଭାଜପାରୁ ପ୍ରଭାତୀ ପଟ୍ଟନାୟକ, କଂଗ୍ରେସରୁ ସୁରଚିତା ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରିୟଙ୍କା ଗୌଡ ରହିଛନ୍ତି। ପ୍ରଚାରରେ ବିଜେଡିର ରଶ୍ମିରେଖା ତ୍ରିପାଠୀ ଆଗରେ ରହିଛନ୍ତି। ରଶ୍ମିରେଖାଙ୍କ ସହ ବିଭିନ୍ନ ୱାର୍ଡର ଦଳୀୟ କାଉନସିଲ ପ୍ରାର୍ଥୀଙ୍କ ଲାଗି ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବ୍ଲକ ଅଧକ୍ଷ ଦୈତାରୀ ବେହେରା, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ଜିଲା ଯୁବ ସମ୍ପାଦକ ପ୍ରେମାନନ୍ଦ ସାହୁ, ନଗର ସଭାପତି ପ୍ରଭାତ ପଟ୍ଟନାୟକ, ନଗର ଯୁବ ସଭାପତି ମନୋଜ ଗୌଡଙ୍କ ସମେତ ପୂର୍ବତନ କାଉନସିଲରମାନେ ଲାଗିପଡିଛନ୍ତି। ଭାଜପା ପ୍ରାର୍ଥୀ ପ୍ରଭାତୀ ପଟ୍ଟନାୟକ ଓ ଦଳୀୟ କାଉନସିଲର ପ୍ରାର୍ଥୀଙ୍କ ଲାଗି ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ରାଘବ ପ୍ରସାଦ ପଟ୍ଟନାୟକ ଓ ନଗର ସଭାପତି ମନୋଜ କୁମାର ମହାପାତ୍ର ଲାଗି ପଡିଛନ୍ତି। କଂଗ୍ରେସ ପ୍ରାର୍ଥୀ ସୁରଚିତା ସାହୁ ଓ କାଉନସିଲର ପ୍ରାର୍ଥୀଙ୍କ ଲାଗି ନଗର କଂଗ୍ରେସ ସଭାପତି ମନୋରଞ୍ଜନ ଦାଶ ଲାଗିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ପ୍ରିୟଙ୍କା ଗୌଡଙ୍କ ଲାଗି ତାଙ୍କ ସ୍ୱାମୀ ୱାର୍ଡ ନଂ ୪ର କାଉନସିଲର ପ୍ରାର୍ଥୀ ଅଶୋକ କୁମାର ମହାଙ୍କୁଡ ପ୍ରଚାରରେ ଲାଗିଛନ୍ତି।

# ଡଲ୍‌ଫିନ ସୁରକ୍ଷା ସଚେତନତା କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅତିଥି।

ରମ୍ଭା/ଗଞ୍ଜାମ,୨୦।୩(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର ପଞ୍ଚାୟତ ବିଞ୍ଚଣାପଲ୍ଲୀ ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଓ ବିଞ୍ଚଣାପଲ୍ଲୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଡଲ୍‌ଫିନ ସୁରକ୍ଷା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଞ୍ଚଣାପଲ୍ଲୀର ବରିଷ୍ଠ ମୃଦଙ୍ଗବାଦକ ଯୋଗେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ପୂର୍ବତନ ସମିତି ସଭ୍ୟା ସୁଷମା ଦାସ, ଶିକ୍ଷକ ବିରଞ୍ଚି ନାରାୟଣ ନାହାକ, ୱାର୍ଡମେମ୍ବର ମାଧବ ବେହେରା, ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ କଲ୍ୟାଣ ସମିତି ରମ୍ଭାର ମୁଖ୍ୟ ପଞ୍ଚାନନ ଖଟୁଆ, କେଶପୁର ବିଟ୍‌ର ଫରେଷ୍ଟର ପ୍ରଣବ କୁମାର ଜୟସିଂ ଓ ମୁଖ୍ୟବକ୍ତା ଭାବେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ନରସିଂହ ବେହେରା ପ୍ରମୁଖ ମଞ୍ଚାସୀନ ରହି ଚିଲିକାରେ ଡଲ୍‌ଫିନଙ୍କ ସୁରକ୍ଷା ଓ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବିଞ୍ଚଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପ୍ରକୃତିବନ୍ଧୁ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିଲେ।

# ପ୍ରଚାରରେ ଷ୍ଟାର ପ୍ରଚାରକ ଜିନା, ଶୁଭାଶିଷ

## ଗଞ୍ଜାମ ଏନ୍‌ଏସି: ବିଜେଡିର ଶକ୍ତି ପ୍ରଦର୍ଶନ


ବିଜେଡିର ପ୍ରଚାରରେ ଷ୍ଟାର ପ୍ରଚାରକ।

ଗଞ୍ଜାମ,୨୦।୩(ଡି.ଏନ.ଏ.)

ପୌର ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଗଞ୍ଜାମ ସହାରାଞ୍ଚଳରେ ଶକ୍ତି ପ୍ରଦର୍ଶନ କରାଯାଇଛି। ଷ୍ଟାର ପ୍ରଚାରକ ତଥା ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଜିନା ଓ ସିରିଏଲ ଅଭିନେତା ଶୁଭାଶିଷ ଶର୍ମା ପ୍ରମୁଖଙ୍କୁ ନେଇ ବିଜେଡି ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ ରାଲି ସହର ସ୍ଥିତ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରୁ ବାହାରି ସହରାଞ୍ଚଳର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା। ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜେଡି ପ୍ରାର୍ଥିନୀ ଝୁଲି ପାତ୍ର ଏବଂ ସମସ୍ତ ବିଜେଡି କାଉନସିଲରଙ୍କୁ ଭୋଟ ଦେବାକୁ ଅନୁରୋଧ କରାଯାଇଥିଲା। ଏହି ଶୋଭାଯାତ୍ରାରେ ମୁଖ୍ୟ ମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ନଗର ବିଜେଡି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ୧୫ନଂ.ଜିଲା ପରିଷଦ ସଦସ୍ୟ ସନାତନ ବେହେରା, ନିରଞ୍ଜନ ପରିଡା, ପୂର୍ବତନ ଏନ୍‌ଏସି ଅଧକ୍ଷା ଉର୍ମିଳା ପଲାଇ, ପୂର୍ବତନ ଉପାଧକ୍ଷ ନୀଳାଞ୍ଚଳ ବାରିକି, ନଗର ସଭାପତି ପି.ରାଜୁ ରେଡ୍ଡୀ, ପୂର୍ବତନ କାଉନସିଲର ନିରଞ୍ଜନ ରାଉଳଙ୍କ ସମେତ ସମସ୍ତ ୱାର୍ଡର ଯୁବ ବିଜେଡି କର୍ମୀ ଉକ୍ତ ଶୋଭାଯାତ୍ରାରେ ସାମିଲ ରହିଥିଲେ।

# ଭାଜପାର ପ୍ରଚାର ଜୋରଦାର

ବୁଗୁଡ଼ା,୨୦।୩(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସିରେ ଭାଜପା ପକ୍ଷରୁ ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଥିଲା। ପ୍ରଚାର କାର୍ଯ୍ୟକ୍ରମରେ ଭାଜପାର ଅଧକ୍ଷ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ନାୟକ ଏବଂ ଡି.ରେଶମା ପାତ୍ର ଓ ଭାଗ୍ୟଲତା ମହାନ୍ତି ଆଦି ସମସ୍ତ କାଉନସିଲର ପ୍ରାର୍ଥୀମାନଙ୍କ ସହିତ ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, ଜୟନ୍ତୀ ପଡ଼ିଆରୀ, ଗଙ୍ଗାଧର ନାୟକ, ହର ପ୍ରସାଦ ଦାଶ, ତ୍ରିଲୋଚନ ସାହୁ, କୈଳାସ ପ୍ରଧାନ, ସୁଶାନ୍ତ କୁମାର ଡାକୁଆ, ହରିକୃଷ୍ଣ ସାହୁ, ଶ୍ୟାମସୁନ୍ଦର ହୋତା ଓ ଗୌର ଚନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କର୍ମୀ ସାହିକୁ ସାହି ବୁଲି ଭାଜପା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ।

# ଶକ୍ତିନଗରରେ ବିଜେଡିର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଉପସ୍ଥିତ ନେତା ଓ କର୍ମୀ।

ବୁଗୁଡ଼ା,୨୦।୩(ଡି.ଏନ୍.ଏ.)

ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ଶକ୍ତିନଗରଠାରେ ଗୁରୁବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବୁଗୁଡ଼ା ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଏନ୍‌ଏସି ଅଧକ୍ଷ ପ୍ରାର୍ଥୀ ଚିତ୍ରସେନ ପ୍ରଧାନ ଏବଂ ବିଭିନ୍ନ ୱାର୍ଡର କାଉନ୍‌ସିଲର ପ୍ରାର୍ଥୀମାନେ ଯୋଗ ଦେଇଥିଲେ। ଉକ୍ତ ମିଶ୍ରଣ ପର୍ବ ଅବସରରେ ବୁଗୁଡ଼ା ନଗର କଂଗ୍ରେସ ସଭାପତି ଦୁର୍ଗା ମାଧବ ପଣ୍ଡା, ଅନୋଜ କୁମାର ପଟ୍ଟନାୟକ, ଏନ୍. ଆନନ୍ଦ ରାଓ ରେଡ୍ଡୀ, ରବି ନାରାୟଣ ପଣ୍ଡାଙ୍କ ସମେତ ବିଭିନ୍ନ ୱାର୍ଡର ବ୍ୟକ୍ତି ବିଜେଡିରେ ମିଶିଥିଲା ବେଳେ ସେମାନଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଜେଡି ନେତା ବସନ୍ତ ଦଳେଇ ଓ ବିଧାୟକ ପ୍ରତିନିଧି କେ. ତ୍ରିଲୋଚନ ଦୋରାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧରଣୀଧର ପଣ୍ଡାଙ୍କ ସମେତ ସ୍ଥାନୀୟ ନେତା ଉପସ୍ଥିତ ଲେ। ବିଜେଡି ନଗରପାଳ ପ୍ରାର୍ଥୀ ଏବଂ କାଉନସିଲର୍ ପ୍ରାର୍ଥୀମାନଙ୍କୁ ଭୋଟ ଦେବା ପାଇଁ ନିବେଦନ କରାଯାଇଥିଲା।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ସୋରଡା,୨୦।୩(ଡି.ଏନ.ଏ.)

ସୋରଡ଼ା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ସୀତାରାମ ପେଣ୍ଠ ଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ଟ୍ରେଜେରୀ ଅଧିକାରୀ ବସନ୍ତ କୁମାର ବେହେରା ମଞ୍ଚାସୀନ ଥିଲେ। ସଂଘ ସଭାପତି ତ୍ରିନାଥ ଗଉଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜେନ୍ଦ୍ର ପାଣିଗ୍ରାହୀ ବାର୍ଷିକ ଆୟବ୍ୟୟ ଓ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସର୍ବ ସମ୍ମତିକ୍ରମେ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ କେଦାର ଚନ୍ଦ୍ର ବେହେରା, ଉପସଭାପତି ବ୍ରହ୍ମନାରାୟଣ ପଣ୍ଡା, ସାଧାରଣ ସମ୍ପାଦକ ଉମାଚରଣ ଦାସ, ସହ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ସଙ୍ଗଠନ ସମ୍ପାଦକ ସନ୍ତୋଷ କୁମାର ସାମନ୍ତରାୟ,କୋଷାଧ୍ୟକ୍ଷ ପଦ୍ମଲୋଚନ ପଣ୍ଡା ଓ ପରାମର୍ଶଦାତା ଭାବେ ଦୁର୍ଗାପ୍ରସାଦ ସାହୁ ମନୋନୀତ ହୋଇଥିଲେ । ଉମାଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ଆର.ଉଦୟଗିରି,୨୦।୩(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ସଭାଗୃହରେ ଗୁରୁବାର ନବ ନିର୍ବାଚତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଲୋକନାଥ ଦଳବେହେରା ଅଧକ୍ଷତା କରିଥିଲେ। ବ୍ଲକର ୧୭ଟି ପଞ୍ଚାୟତର ସମୁଦାୟ ୧୫,୮୨୦ ଜବ୍‌କାର୍ଡ ବଣ୍ଟନ ହୋଇଥିବା ବେଳେ ସେଥିରୁ ୧୦,୭୭୧ଟି ସକ୍ରିୟ ଥିବା ସୂଚନା ମିଳିଛି। ୭,୩୩,୯୩୬ଟି ଶ୍ରମ ଦିବସ ସୃଷ୍ଟି ଧାର୍ଯ୍ୟ ହୋଇଥିବା ବେଳେ ଏଯାବତ୍ ୭ଲକ୍ଷ ୯ହଜାର ୬୬୭ ମହିଳା ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଦୀପ କୁମାର ନାୟକ, ସାମାଜିକ ଅଡିଟର ବାବୁଲା ବିଷୋୟୀ, ଏମଜିଏନ୍‌ଆର୍‌ଇଜିଏସ୍ କୋଅର୍ଡିନେଟର ରଶ୍ମିତା ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ବି. ସାନୁଜ କୁମାର, ପ୍ରୋଗ୍ରାମ ଅଫିସର ଅକ୍ଷୟ କୁମାର ବିଷୋୟୀରତ୍ନ, ସପ୍ଲାଇ ଇନ୍ସପେକ୍ଟର ତାପସ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

# ଟାଏକୋଣ୍ଡୋରେ ୧୮ ସ୍ୱର୍ଣ୍ଣ, ୭ ରୌପ୍ୟ, ୫ ବ୍ରୋଞ୍ଜ ପଦକ ହାସଲ

ଛତ୍ରପୁର,୨୦।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ଟାଏକୋଣ୍ଡୋ କ୍ରୀଡାବିତ୍‌ମାନେ ଆନ୍ତର୍ଜାତିକ ସ୍ତରରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। ଛତ୍ରପୁରସ୍ଥିତ କେଏମ୍‌ପି ସ୍ପୋର୍ଟ୍ସ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ତଥା ୫ମ ଡାନ୍ ବ୍ଲାକ ବେଲ୍ଟଧାରୀ ଆନ୍ତର୍ଜାତିକ କୋଚ ତଥା ରେଫରୀ କେ. ମନୋଜ ପ୍ରଧାନଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଯୋଗୁ ଏକାଡେମୀର ୩୦ ଛାତ୍ରୀଛାତ୍ର ଥାଇଲାଣ୍ଡରେ ଆୟୋଜିତ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଆଭାସୀ ମାଧ୍ୟମରେ ଅଂଶ ଗ୍ରହଣ କରି ୧୮ ସ୍ୱର୍ଣ୍ଣ, ୭ ରୌପ୍ୟ

## କେଏମ୍‌ପି ସ୍ପୋର୍ଟ୍ସ ଏକାଡେମୀର ଆନ୍ତର୍ଜାତିକ ସଫଳତା


କୃତୀ ଛାତ୍ରୀଛାତ୍ରମାନେ।

ଓ ୫ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ଆଭାସୀ ପ୍ରତିଯୋଗିତା ନିମନ୍ତେ ସମସ୍ତ ବୈଷୟିକ ଜ୍ଞାନକୌଶଳର ବନ୍ଦୋବସ୍ତ କରାଯାଇଥିଲା। ଡାକ ଯୋଗେ ପଦକଗୁଡ଼ିକ ପହଞ୍ଚିବା ପରେ ଶନିବାର ସନ୍ଧ୍ୟାରେ ଛତ୍ରପୁର ଲକ୍ଷ୍ମଣ ଭବନ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ତାହା ବଣ୍ଟନ କରାଯାଇଥିଲା। ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପଦକ ବଣ୍ଟନ କରିଥିଲେ। ଏନ୍‌ଆଇଏସ୍ ତାଲିମପ୍ରାପ୍ତ ଜାତୀୟ ସ୍ତରର କୋଚ ଇ. ଲଳିତ କୁମାର ଓ ସି. ଏଚ. ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ କ୍ରୀଡ଼ାବିତ୍ ରୁଦ୍ର ନାରାୟଣ ବେହେରା, ପୀୟୂଷ ପ୍ରସାଦ ଷଡ଼ଙ୍ଗୀ, ମିଲୁ ମହାପାତ୍ର ଓ ପି. ଅଭିମନ୍ୟୁ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

